## ସଂକ୍ଷେପରେ

### ସିପିଆଇ ବ୍ରହ୍ମପୁର ଆଞ୍ଚଳିକ ପରିଷଦ ସମ୍ମିଳନୀ

ବ୍ରହ୍ମପୁର,୨୮।୧୦(ନରସିଂହ ସାହୁ) ସିପିଆଇ ବ୍ରହ୍ମପୁର ଆଞ୍ଚଳିକ ସମ୍ମିଳନୀ ସୋମବାର ପାର୍କ ସାହିସ୍ଥ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ସୁଧାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ସାମ୍ପ୍ରତିକ ରାଜନୈତିକ ସ୍ଥିତି ନେଇ ଆଲୋଚନା କରାଯାଇଥିଲା। ବାମପନ୍ଥୀଙ୍କ ଭୂମିକା ନେଇ ଆଲୋକପାତ କରାଯାଇଥିଲା। ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗ ଦେଇଥିଲେ। ୩୧ ତାରିଖରେ ଏଆଇଟିୟୁସି ପ୍ରତିଷ୍ଠା ଦିବସ ପାଳନକୁ ଧୁମଧାମରେ କରାଯିବାର ନିଷ୍ପତ୍ତି ନିଆଯାଇଛି। ପାର୍ଟିର ଆଗାମୀ ଦିନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା।

ଆଞ୍ଚଳିକ ସମ୍ପାଦକ କାମଦେବ ନାହାକ ବିବରଣୀ ଉପସ୍ଥାପନ କରିଥିଲେ। ନଭେମ୍ବର ୩ରେ ଜିଲା ସମ୍ମିଳନୀ ହେବ ଏବଂ ୭ରେ ଅକ୍ଟୋବର ବିପ୍ଳବ ପାଳନ କରାଯିବ। ଡିସେମ୍ବର ୨୬ରେ ପାର୍ଟିର ୧୦୦ତମ ପ୍ରତିଷ୍ଠା ଦିବସ ପାଳନ ହେବ। ବିଭିନ୍ନ ଆଲୋଚନାରେ ଭାଗାରିନ ନାୟକ, ରବିନ୍ଦ୍ର ନାୟକ, ପ୍ରଫୁଲ୍ଲ ଜେନା, ମହମ୍ମଦ ଉଷମାନ, କାଳି କିଙ୍କର ପାତ୍ର, ରୋହିତ ବିଶୋଇ, ପ୍ରତିମା ଦେବୀ, ମହେନ୍ଦ୍ର ପାତ୍ର ପ୍ରମୁଖ ଭାଗ ନେଇଥିଲେ। ବରିଷ୍ଠ ଶ୍ରମିକ ନେତା ପ୍ରବୀଣ ଦାସ ଯୋଗ ଦେଇଥିଲେ।

### ଦଳରେ ଗୋଷ୍ଠୀ କନ୍ଦଳ ବଢ଼ିଛି: ଭାଜପା ଜିଲା ସଭାପତି

ବ୍ରହ୍ମପୁର,୨୮।୧୦(ନରସିଂହ ସାହୁ)– ଭାଜପା ଜିତିଲା ଓ ରାଜ୍ୟରେ ସରକାର କଲା। ଦଳରେ ଗୋଷ୍ଠୀ କନ୍ଦଳ ବଢ଼ିଛି। ନିର୍ଦ୍ଦିଷ୍ଟ ଜଣେ ମନ୍ତ୍ରୀଙ୍କ ପାଖରେ ରାଜ୍ୟ ଭାଜପା ବନ୍ଧା ପଡ଼ିଛି। ସରକାର ହେବା ପରେ ବି ଛାଡ଼ିପାରୁନି ଗୋଲାମଗିରି। ପୂର୍ବରୁ ବିଜେଡିର ହାତ କଣ୍ଢେଇ ସାଜିଥିଲା ଓ ଏବେ ମନ୍ତ୍ରୀଙ୍କ ନିୟନ୍ତ୍ରଣରେ ରହିଛି ରାଜ୍ୟ ସଂଗଠନ। ଏଭଳି କଟାକ୍ଷ କରିଛନ୍ତି ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ଡ଼ା. ସୁବାସ ଚନ୍ଦ୍ର ସାହୁ। ଏ ସମ୍ପର୍କରେ ସେ ରାଜ୍ୟ ସଭାପତି ମନମୋହନ ସାମଲ ଓ ସାଙ୍ଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତିଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ,୨୦୨୩ ନଭେମ୍ବରରେ ଡ଼ା. ସାହୁଙ୍କୁ ଜିଲା ସଭାପତି କରାଯାଇଥିଲା। ସେବେଠାରୁ ଗୋଟିଏ ବଡ଼ ଗୋଷ୍ଠୀ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ ଆରମ୍ଭ କରିଥିଲେ। ବିଭିନ୍ନ ଭାବରେ ତାଙ୍କୁ ଅସହଯୋଗ କରୁଥିଲେ। ସେ ଦଳରେ କୋଣଠେସା ହୋଇଯାଇଥିଲେ। ନିର୍ବାଚନ ବେଳେ ମଧ୍ୟ ଏଭଳି ସ୍ଥିତି ଉପୁଜିଥିଲା। ତଥାପି ଡ଼ା. ସାହୁ କାମ କରି ଚାଲିଥିଲେ। ଏହି ସାଙ୍ଗଠନିକ ଜିଲାରେ ୫ ବିଧାନସଭା କ୍ଷେତ୍ର ରହିଛି। ୨୪ ନିର୍ବାଚନରେ ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି ଓ ଚିକିଟି ଆସନରେ ଭାଜପା ପ୍ରାର୍ଥୀମାନେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନିର୍ବାଚନ ବେଳେ ଓ ପରବର୍ତ୍ତୀ ସ୍ଥିତିରେ ଭାଜପାର ଅନ୍ତଃକନ୍ଦଳ ପଦାକୁ ଆସି ନ ଥିଲା। ଗତ କିଛିଦିନ ହେବ ଏହା ଉଗ୍ରରୂପ ନେଇଛି। ରାଜ୍ୟ ସଂଗଠନର ନେତାମାନଙ୍କ ଗସ୍ତ ବେଳେ ମଧ୍ୟ ସୁବାସଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଥିଲା। ସୋମବାର ସେ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା ମେସେଜ ଏବଂ ସେଥିରେ ବିସ୍ଫୋରକ ବୟାନ ରୋଚକ ହୋଇଛି।

# ଚଞ୍ଚକତା କରି ୧୧ ଲକ୍ଷ ଠକେଇ

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ): ଚଞ୍ଚକତା କରି ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ତାଙ୍କର ବନ୍ଧୁ ୧୧ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା କୃଷ୍ଣଚନ୍ଦ୍ର ସାହୁ ଏ ନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମରେ ରହୁଥିବା କୃଷ୍ଣଚନ୍ଦ୍ର ଗତବର୍ଷ ଏକ ଘର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଋଣ ଚାହୁଁଥିଲେ। ସେ ଘର କାଗଜପତ୍ର ନେଇ ବିଭିନ୍ନ ବ୍ୟାଙ୍କକୁ ଋଣ ପାଇଁ ଯାଇ ନିରାଶ ହୋଇଥିଲେ। ସେହି ସମୟରେ ଗ୍ରାମର ପରିଚିତ ଶିବ ଶଙ୍କର ସାହୁ ତାଙ୍କୁ ବ୍ୟାଙ୍କରୁ ଋଣ କରାଇଦେବେ ବୋଲି କହି ବଡ଼ ବଜାର ଥାନା ଅନ୍ତର୍ଗତ ରାଜା ସାହିରେ ରହୁଥିବା ତାଙ୍କର ଅନ୍ୟ ଜଣେ ସାଙ୍ଗ ଜ୍ୟୋତି ପ୍ରସାଦ ବେହେରାଙ୍କ ସହ ସାକ୍ଷାତ କରାଇଥିଲେ। ଜ୍ୟୋତି ବ୍ୟାଙ୍କରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟବସାୟିକ ଋଣ କରାଇଦେବେ ବୋଲି କହିଥିଲେ। ସେତେବେଳେ ଶିବ ଶଙ୍କର କୃଷ୍ଣଚନ୍ଦ୍ରଙ୍କ ସହ ମିଶି ଏକ ଦୋକାନ କରିବେ ପ୍ରସ୍ତାବ ଦେଇଥିଲେ। ଦୋକାନ ଜରିଆରେ ବ୍ୟାଙ୍କରୁ ଋଣ ଆଣି ତାହା ମିଶିକରି ପରିଶୋଧ କରିବା ବୋଲି କହିଥିଲେ। ପରେ ଶିବ ଶଙ୍କର ବିଭିନ୍ନ କାଗଜପତ୍ରରେ କୃଷ୍ଣଚନ୍ଦ୍ରଙ୍କ ଦସ୍ତଖତ ନେଇ ଏମ/ଏସ ମହାଦେବ କ୍ରିଏସନ ନାମକ ଏକ ଦୋକାନ ଖୋଲିଥିଲେ। ପରେ ଉଭୟେ ୟୁନିଅନ ବ୍ୟାଙ୍କ ଏସଏମଆଇଟି ଚଣ୍ଡୀପଦର ଶାଖାକୁ ଯାଇ ସେଠାରେ ଆବଶ୍ୟକ କାଗଜପତ୍ର ଦେଇଥିଲେ। ବ୍ୟାଙ୍କ ୧୫ଲକ୍ଷ ଟଙ୍କାର ଋଣ ମଞ୍ଜୁର କରିଥିଲା। ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଆସିଯାଇଥିବା ଜାଣିବା ପରେ ଶିବ ଶଙ୍କର କୌଶଳକ୍ରମେ ଟଙ୍କା ଉଠାଇବା ପାଇଁ କୃଷ୍ଣଚନ୍ଦ୍ରଙ୍କ ଦସ୍ତଖତ ନେଇଥିଲେ। ପରେ ତାଙ୍କ ଅଜାଣତରେ ଉକ୍ତ ଆକାଉଣ୍ଟରୁ ୧୧ଲକ୍ଷ ଟଙ୍କା ଉଠାଣ କରି ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଯାଇଥିଲେ। ଏନେଇ ଗତ ଜାନୁଆରୀରେ ଜାଣିବା ପରେ କୃଷ୍ଣଚନ୍ଦ୍ର ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଶିବଶଙ୍କର ଓ ତାଙ୍କ ସାଙ୍ଗ ଥାନାରେ ହାଜର ହୋଇ ୬ ମାସ ମଧ୍ୟରେ ଉକ୍ତ ଟଙ୍କା ଫେରସ୍ତ କରିଦେବେ ବୋଲି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉକ୍ତ ଟଙ୍କା ସେମାନେ ଫେରାଇ ନାହାନ୍ତି। ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଠକେଇର ଶିକାର ହୋଇଥିବା ଜାଣିବା ପରେ କୃଷ୍ଣଚନ୍ଦ୍ର ସାଇବର ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମିଳିତ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲାପାଳ ଓ ଅନ୍ୟମାନେ।

ବ୍ରହ୍ମପୁର,୨୮।୧୦(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ମଙ୍ଗଳବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗୀର, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ଯୋଗ ଦେଇଥିଲେ। ଶିବିରରେ ମୋଟ ୮୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମଭିତ୍ତିକ ଅଭିଯୋଗ ରହିଥିଲା। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ୮ଟି ଅଭିଯୋଗର ତୁରନ୍ତ ଫଇସଲା କରିଥିଲେ। ଆବେଦନ ଗୁଡିକର ଶୁଣାଣୀ କରି ତୁରନ୍ତ ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଜିଲାର ସମସ୍ତ ଅଧିକାରୀ, ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର ବିକ୍ଷୋଭ

### କର୍ମଚାରୀଙ୍କୁ ଠିକାରୁ ମୁକ୍ତ କରି ନିୟମିତ କରିବାକୁ ଦାବି

ଛତ୍ରପୁର,୨୮।୧୦(ଦିଲ୍ଲୀପ ସାମଲ)– ବିନା କାରଣରେ ରାଜ୍ୟର ୩୫୦ ଜଣ ଆମ୍ବୁଲାନ୍ସ କର୍ମଚାରୀ ସଂଘର ନେତାମାନଙ୍କୁ ଛଟେଇ କରାଯାଇଛି। ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଏହାର ପ୍ରତିବାଦ କରି ଆନ୍ଦୋଳନ ଡାକରା ଦେଇଛି। ଏଥିସହ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କ ବିଭିନ୍ନ ଦାବି ନେଇ ସୋମବାର ଗଞ୍ଜାମ ଜିଲା ଶାଖା ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମହାସଂଘ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କୁ ପ୍ରଦାନ କରିଛି। କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କୁ ନୂତନ କ୍ୟାମ୍ପସରେ ନିଯୁକ୍ତି ଦେବା, କାର୍ଯ୍ୟ କରିବାର ଠିକ ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ କରିବା, ଓଭର ଡିୟୁଟିର ଘଣ୍ଟା ପ୍ରତି ପାରିଶ୍ରମିକ ଧାର୍ଯ୍ୟ କରିବା, ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଠିକା ସଂସ୍ଥାରୁ ମୁକ୍ତ କରି ନିୟମିତ କରିବା, ୧୨ ଘଣ୍ଟାର କାର୍ଯ୍ୟକୁ ୧୨ ଘଣ୍ଟାର ପ୍ରାପ୍ୟ ଦେବା, କୌଣସି ୧୦୮ ଆମ୍ବୁଲାନ୍ସ କର୍ମୀଙ୍କ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା, କର୍ମଚାରୀମାନେ ଲୋକଙ୍କ ଆକ୍ରମଣର ଶିକାର ହେଲେ ଦୋଷୀଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ପ୍ରଥମେ ୩୦।୧୦।୨୪ରୁ ଜିପିଏସ୍ ବନ୍ଦ କରି ରୋଗୀ ସେବା ଯୋଗାଇବେ। ପରବର୍ତ୍ତୀ ସମୟରେ ୧।୧୧।୨୪ରୁ ସମ୍ପୂର୍ଣ୍ଣ ଭାବେ ସମସ୍ତ କର୍ମଚାରୀ ରୋଗୀ ସେବା ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅଲ ଓଡିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲା ଶାଖା ସଭାପତି ନିଳାଞ୍ଚଳ ପଣ୍ଡା, ଉପସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ଆର. ଚିତ୍ରସେନ, ସହସମ୍ପାଦକ ଏସ. ରମେଶ ରେଡ୍ଡି, କୋଷାଧ୍ୟକ୍ଷ ଶାରଦା ପ୍ରସନ୍ନ ପଟ୍ଟନାୟକ ଓ ଉପଦେଷ୍ଟା ସୁଧାଂଶୁ ଶେଖର ମହାପାତ୍ର ଉପସ୍ଥିତ ଥିଲେ।




ବିକ୍ଷୋଭ ପ୍ରଦର୍ଶନ କରୁଥିବା ଆମ୍ବୁଲାନ୍ସ କର୍ମଚାରୀ।

## ସ୍ୱାସ୍ଥ୍ୟସେବା ଶିବିର

ବ୍ରହ୍ମପୁର,୨୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ): ଅରବିନ୍ଦ ନଗର ୧୦ମ ଗଳିର ସ୍ଥାୟୀ ବାସିନ୍ଦା କମିଟି ଓ ମେଡିକାଲ ରିପ୍ରେଜେଣ୍ଟେଟିଭି ୟୁନିୟନ ମିଳିତ ସହଯୋଗରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମକେସିଜି ମେଡିକାଲ ଏଣ୍ଡୋକ୍ରାଇନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା ପି.ରବିକୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁମେହ ଓ ଜୀବନଶୈଳୀ ଉପରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କ ରକ୍ତ ସର୍କରା, ରକ୍ତଚାପ ଓ ୟୁରିକ ଏସିଡ ପରୀକ୍ଷା ହୋଇଥିଲା। ମେଡିକାଲ ରିପ୍ରେଜଣ୍ଟଟିଭି ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଅରବିନ୍ଦ ନଗର ସ୍ଥାୟୀ ବାସିନ୍ଦା ଅରବିନ୍ଦ ବେହେରା ଓ ନୃସିଂହ ପ୍ରସାଦ ବ୍ରହ୍ମା, ଓସୁ ଜିଲା ସମ୍ପାଦକ ସୁବୋଧ କୁମାର ସାହୁ ଶିବିର ପରିଚାଳନା କରିଥିଲେ।

## ବାଲିଗୁଡାରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା ମାମଲା

### ସରିଲା ଜବାବ ସୁଆଲ, ୧ରେ ଚୂଡ଼ାନ୍ତ ରାୟ

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ): ୨୦୧୯ରେ କନ୍ଧମାଳ ଜିଲା ବାଲିଗୁଡା ଥାନାର ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା। ଉକ୍ତ ମାମଲା ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଜିଲା କୋର୍ଟରେ ବିଚାରାଧୀନ ରହିଛି । ଏହି ମାମଲାରେ ବାଲିଗୁଡା ପୋଲିସ ପୂର୍ବରୁ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରିଥିବା ସୁଟର ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଦୋଷୀ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା। ଉଭୟ ପକ୍ଷଙ୍କ ଓକିଲ ମଧ୍ୟରେ ଉକ୍ତ ମାମଲାର ଜବାବ ସୁଆଲ ସରିଛି। ଆସନ୍ତା ନଭେମ୍ବର ୧ରେ ଚୂଡାନ୍ତ ରାୟ ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିବା ପିପି ତ୍ରିଲୋଚନ ପରିଡା ସୂଚନା ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବାଲିଗୁଡାର ବ୍ୟବସାୟୀ ଅଭିମନ୍ୟୁ ପଣ୍ଡା (୩୪)ଙ୍କୁ ୨୦୧୯ ଡିସେମ୍ବର ୧୦ ତାରିଖ ସକାଳେ ୨ ଜଣ ଯୁବକ ତାଙ୍କ ଘରେ ପଶି ଅତି ନିକଟରୁ ଗୁଳି କରିଥିଲେ। ଏନେଇ ତାଙ୍କର ସମ୍ପର୍କୀୟ ଭାଇ ନିର୍ମଳ ସାହୁ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୮୮/୧୯ରେ ଏକ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ଅଭିଯୁକ୍ତ ରାମନାରୟଣ ନାହାକ ଓ ତାଙ୍କର ସହଯୋଗୀ କାହ୍ନୁ ଚରଣ ସାହୁଙ୍କୁ ୨୦୧୯ ଡିସେମ୍ବର ୨୮ରେ ଗିରଫ କରିଥିଲା । ପରେ ୨୯ ତାରିଖରେ ଉକ୍ତ ହତ୍ୟାକାଣ୍ଡର ଷଡଯନ୍ତ୍ରକାରୀ ଭାବେ ୪ଜଣଙ୍କୁ ଗିରଫ କରିଥିଲା ।

## ପୌର ଅତିଥି ଭବନ ଲିଜ୍ ବୃଦ୍ଧି ନ କରିବାକୁ ଦାବି

ବ୍ରହ୍ମପୁର,୨୮।୧୦(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ପୌର ଅତିଥି ଭବନକୁ ଏକ ଘରୋଇ ସଂସ୍ଥାକୁ ୫ ବର୍ଷିଆ ଲିଜରେ ଦିଆଯାଇଛି। ଏହି ଲିଜ ଆସନ୍ତା ନଭେମ୍ବର ୧୬ ତାରିଖରେ ସରିବାକୁ ଯାଉଛି। ତେବେ ଲିଜ ଅବଧିକୁ ବୃଦ୍ଧି ନ କରିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସ ପଣ୍ଡା ଦାବି କରିଛନ୍ତି। କର୍ତ୍ତୃପକ୍ଷ ଏବେଠାରୁ ସଂପୃକ୍ତ ବ୍ୟବସାୟୀଙ୍କୁ ଅତିଥି ଭବନରୁ ହଟାଇବା ପାଇଁ ପଦକ୍ଷେପ ନିଅନ୍ତୁ। ନଚେତ ଭୂତ ହୋଇ ଲାଗିବା ଓ ଗୁଣିଆ ହୋଇ ଝାଡିବା ନୀତିରେ ବିଏମସି କର୍ତ୍ତୃପକ୍ଷଙ୍କ ଦୋ ମୁହାଁ ନୀତି ପଦାରେ ପଡିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଲିଜର ଚୁକ୍ତି ଅନୁଯାୟୀ ଅକ୍ଟୋବର ୩୧ ଓ ନଭେମ୍ବର ୧ରେ ଅତିଥି ଭବନ ସଂପତିର ସୁରକ୍ଷା, ମୂଲ୍ୟାୟନ ଓ ଚୁକ୍ତି ପତ୍ରର ପୁନଃ ନବିକରଣ ନିୟମାବଳୀ ଥିଲେ ମଧ୍ୟ ସର୍ତ୍ତାବଳୀକୁ ଉଭୟ ମ୍ୟୁନିସିପାଲିଟି ଓ ଲିଜ ଧାରି ପାଳନ କରି ନ ଥିବା ପଣ୍ଡା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ବିଏମସି ଅଧୀନରେ ଥିବା ଅତିଥି ଭବନକୁ ଗତ ୨୦୧୯ ନଭେମ୍ବର ୧୬ରେ ତତ୍କାଳୀନ ବିଜେଡି ସରକାର ଏକ ଘରୋଇ କମ୍ପାନୀ ଗାୟତ୍ରୀ ଟେକ୍ନୋ ସଲ୍ୟୁସନକୁ ୫ ବର୍ଷ ପାଇଁ ଲିଜ ଦେଇଥିଲେ। ଲିଜର ଚୁକ୍ତି ପ୍ରକାରେ ପ୍ରଥମ ୬ମାସ ଘରୋଇ କଂପାନୀକୁ ଭଡା ଛାଡ କରାଯାଇଥିଲା। ପରେ ଅସଲି ଚୁକ୍ତି ପତ୍ରକୁ କାଟଛାଣ୍ଟ କରି ପୌର କର୍ତ୍ତୃପକ୍ଷ ଏକ ବେଆଇନ ମଦ ଦୋକାନ ଖୋଲିବା ପାଇଁ ଜାଣି ନ ଜାଣିଲା ଭଳି ଅନୁମତି ଦେଲେ। ଅତିଥି ଭବନର ମୂଳ ଢାଞ୍ଚାର ସୁରକ୍ଷା ଓ ସମ୍ପତ୍ତିର ଅନୁସନ୍ଧାନ ଚୁକ୍ତି ପତ୍ରରେ ରହିଥିବା ସତ୍ତ୍ୱେ କିଭଳି ବେଆଇନ ମଦ ଦୋକାନ କୋଠା, ଫାଷ୍ଟ ଫୁଡ ଓ ଅତିଥି ଭବନର ନା ପରିବର୍ତ୍ତନ କରାଗଲା ସେ ନେଇ ପଣ୍ଡା ପ୍ରଶ୍ନ ଉଠାଇଛନ୍ତି। ଏହାପରେ ଅତିଥି ଭବନରେ ମଦ ଦୋକାନକୁ ବନ୍ଦ କରିବା ପାଇଁ ବିରୋଧ ପରେ ବିଏମସି ପକ୍ଷରୁ ଲିଜ ଧାରୀଙ୍କୁ ନୋଟିସ ପଠାଗଲା। କିନ୍ତୁ ଲିଜଧାରୀ ହାଇକୋର୍ଟରୁ ରହିତାଦେଶ ଆଣିବାକୁ ସୁଯୋଗ ପାଇଲେ। ଏଣୁ ବର୍ତ୍ତମାନ ତୁରନ୍ତ ଚୁକ୍ତି ପତ୍ର ବାତିଲ କରି ଅତିଥି ଭବନକୁ ବିଏମସି ନିଜ ଅଧିନକୁ ନେବା ପାଇଁ ସେ ଦାବି କରିଛନ୍ତି।

## ମହିଳାଙ୍କୁ ମାଡ଼ମାରି ଘରୁ ଗହଣା, ଟଙ୍କା ଲୁଟ

ଖଲ୍ଲିକୋଟ,୨୮।୧୦(ପ୍ରଶାନ୍ତ କୁମାର ମିଶ୍ର)–ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ପଞ୍ଚାୟତର ସୋଲବନ୍ଧ ଗ୍ରାମରେ ରବିବାର ରାତିରେ ଜଣେ ମହିଳାଙ୍କୁ ମାଡ଼ମାରି ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ସୋଲବନ୍ଧ ଗ୍ରାମର ଆଦିକନ୍ଦ ତାରିଣୀଙ୍କ ଘରେ ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ କେତେଜଣ ଦୁର୍ବୃତ୍ତ ପଶି ଆଲମିରା ଭାଙ୍ଗି ସେଥିରୁ ୧୦ ତୋଲା ସୁନା ଓ ୧୦ ତୋଲା ରୁପା ଅଳଙ୍କାର ସହ ୪୦ ହଜାର ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ଘରେ ଏକାକୀ ଶୋଇଥିବା ଆଦିକନ୍ଦଙ୍କ ବୋହୂଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପି ନେବାକୁ ଦୁର୍ବୃତ୍ତ ମାନେ ଉଦ୍ୟମ କରିବା ବେଳେ ସେ ହଠାତ ଉଠିପଡି ବିରୋଧ କରିଥିଲେ। କୌଣସି ଧାରୁଆ ଅସ୍ତ୍ରରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ବାଡେଇ ପଳାଇଥିଲେ। ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ରାତିରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିଛି।

## ରାସ୍ତା ପାର୍ଶ୍ୱରୁ ଠେଲା ବ୍ୟବସାୟୀଙ୍କୁ ଉଚ୍ଛେଦ

ବ୍ରହ୍ମପୁର,୨୮।୧୦(ସ୍ମୃତି ରଞ୍ଜନ ମହାଲିକ) ସହରର ରାସ୍ତା ପାର୍ଶ୍ୱରୁ ଉଠା ଦୋକାନୀ (ଠେଲା ଗାଡି) ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପୂର୍ବରୁ ଘୋଷଣା କରାଯାଇଥିଲା। କିନ୍ତୁ ବ୍ୟବସାୟୀମାନେ ଏହାକୁ ଖାତିର କରି ନ ଥିଲେ। ଫଳରେ ସୋମବାର ବିଏମସି ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟଠାରୁ ଟାଉନ ହଲ ରାସ୍ତା, ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ ସମ୍ମୁଖ ଓ ପାଣି ଟାଙ୍କି ରୋଡ ପାର୍ଶ୍ୱରେ ରହିଥିବା ସମସ୍ତ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦକୁ ବ୍ୟବସାୟୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ତଥାପି ଘଟଣା ସ୍ଥଳରେ ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ଅତିରିକ୍ତ କମିଶନର ରୋନିତ କୁମାର ଓ ପୋଲିସଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଠେଲା ଗାଡିକୁ ଉଚ୍ଛେଦ କରାଯାଇଥିବା ସୂଚନା ମିଳିଛି । ବିଏମସି ପକ୍ଷରୁ ଡ୍ରୋଜର ଓ ଟ୍ରାକ୍ଟର ସାହାର୍ଯ୍ୟରେ ରାସ୍ତା ପାର୍ଶ୍ୱରେ ରହିଥିବା ସମସ୍ତ ଠେଲା ଗାଡି ଗୁଡିକୁ ଉଠାଯାଇଥିଲ। ଏଥିସହିତ ଅସ୍ଥାୟୀ ଭାବେ ଖୋଲା ଯାଇଥିବା ସିଜନାଲ ଷ୍ଟୋର ଗୁଡିକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ରାସ୍ତା ପାର୍ଶ୍ୱରେ କୌଣସି ବ୍ୟବସାୟ ନ କରିବା ପାଇଁ ବିଏମସି ପକ୍ଷରୁ ବ୍ୟବସାୟୀଙ୍କୁ କୁହାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ରାସ୍ତାରେ ପ୍ରତିଦିନ ସକାଳଠୁ ଆରମ୍ଭ କରି ସନ୍ଧ୍ୟା ସମୟରେ ଠେଲା ଗାଡିରେ ବିଭିନ୍ନ ଫାଷ୍ଟ ଫୁଡ ଖାଦ୍ୟ ବିକ୍ରି ହୋଇଥାଏ। ସମୟକ୍ରମେ ଠେଲା ଗାଡି ସଂଖ୍ୟା ବୃଦ୍ଧି ପାଇବା ସହ ସିଜନାଲ ଷ୍ଟୋର ଭାବେ ଅସ୍ଥାୟୀ ଦୋକାନ ଘର ଗଢି ଉଠିଥିଲା। ଫଳରେ ପୂଜା ପର୍ବାଣୀ ସମୟରେ ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି ହେଉଥିଲା। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯିବା ଆସିବା ସମୟରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ଶୀକାର ହେଉଥିଲେ। ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ବର୍ତ୍ତମାନ ବିଏମସି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ସହରର ଅନ୍ୟ ଅଂଚଳ ଗୁଡିକରେ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ସଂପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ ବୋଲି ବିଏମସି ପକ୍ଷରୁ ସୂଚନା ମିଳିଛି।




ବିଏମସି ପକ୍ଷରୁ ଉଚ୍ଛେଦ ହେଉଥିବା ଠେଲା ଦୋକାନ।

## ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ସମ୍ମାନିତ



ସମ୍ବର୍ଦ୍ଧନା ଉତ୍ସବରେ ରୋଟାରୀ କ୍ଲବ ସଦସ୍ୟ ।

ବ୍ରହ୍ମପୁର,୨୮।୧୦(ସ୍ୱାଧୀନ ଶେଖର ପାଢ଼ୀ): ଭୁବନେଶ୍ୱରରେ ରୋଟାରୀ ଜିଲା–୩୨୬୨ର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟକୁ ସୁବର୍ଣ୍ଣ ସମ୍ମାନରେ ସମ୍ମାନୀତ କରାଯାଇଛି। ଉତ୍ସବରେ ଯାଜପୁରର ଲୋକ ସଭା ସସସ୍ୟ ଡ. ରବି ନାରାୟଣ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ରୋଟାରୀ ଜିଲା –୩୨୬୨ର କ୍ଲବ ଓ ବ୍ୟକ୍ତିଗତ ଭାବେ ପାରଦର୍ଶିତା ଲାଭ କରିଥିବା ରୋଟାରିଆନ ମାନଙ୍କୁ ବିଭିନ୍ନ ପଦବୀରେ ସମ୍ବର୍ଦ୍ଧିତ କରିଥିଲେ। ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ସୁବର୍ଣ୍ଣ ସମ୍ମାନ ପାଇଥିବା ବେଳେ କୃତ୍ରିମ ଅଙ୍ଗ ପ୍ରତିରୋପଣ ପ୍ରୋଜେକ୍ଟ ପାଇଁ କ୍ଲବକୁ ସ୍ୱତନ୍ତ୍ର ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ରୌପ୍ୟ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଜିଲା ୩୨୬୨ର କାର୍ଯ୍ୟକର୍ତ୍ତା ରୂପେ ପୂର୍ବତନ ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କୁ ସ୍ୱତନ୍ତ୍ର ସର୍ବୋତ୍ତମ ସହକାରୀ ସାଧାରଣ ସମ୍ପାଦକ ଏବଂ ପୂର୍ବତନ ସଭାପତି ଡାକ୍ତର ସମ୍ବିତ ବେଗରାୟଙ୍କୁ ସର୍ଜେଣ୍ଟ ଆଟ ଆର୍ମସ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସହକାରୀ ପ୍ରାନ୍ତପାଳ ପୂର୍ବତନ ସଭାପତି କାମରାଜୁ ମହାରଣାଙ୍କୁ ରୌପ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଇଷ୍ଟର ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ନେତୃତ୍ୱରେ କ୍ଲବର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି/ପାଟପୁର,୨୮।୧୦(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ): ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମ ବାବାଜୀ ବନ୍ଧ ସାହିର ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ମୃତଦେହକୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବ୍ରହ୍ମପୁର ସଦର ଥାନା ପୋଲିସ ସୋମବାର ଜବତ କରିଛି। ରବିବାର ସନ୍ଧ୍ୟାରେ ନାବାଳିକା ଜଣକ ଘରେ ୨୦ ଟଙ୍କା ମାଗିଥିଲେ। ଘରଲୋକେ ନ ଦେବାରୁ ସେ କୌଣସି କୀଟନାଶକ ଖାଇଦେଇଥିଲେ। ତାଙ୍କୁ ପ୍ରଥମେ ଗୌତମୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଲା ଝୁଲୁଥିବାରୁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ନାବାଳିକାଙ୍କ ବାପା ଜଣେ ଦିନମଜୁରିଆ। ପାଟପୁର ପୋଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଦେଖି ପରିବାର ଲୋକଙ୍କୁ ବ୍ରହ୍ମପୁର ସଦର ଥାନାରେ ଏତଲା ଦେବାକୁ ପରାମର୍ଶ ଦେଇଥିଲା। ନାବାଳିକାଙ୍କ ବାପା ବ୍ରହ୍ମପୁର ସଦର ଥାନାରେ ଏତଲା ଦେବାପରେ ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

## ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ପ୍ରତିଯୋଗିତାକୁ ଉଦଘାଟନ କରୁଛନ୍ତି ଅତିଥି।



ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀମାନେ ।

ବ୍ରହ୍ମପୁର,୨୮।୧୦(ସ୍ୱାଧୀନ ଶେଖର ପାଢ଼ୀ ): ୬୮ତମ ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ଭାରୋତ୍ତୋଳନ, ମୁଷ୍ଟିଯୁଦ୍ଧ ଓ ବାସ୍କେଟବଲ ପ୍ରତିଯୋଗିତା ସୋମବାର ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଓ ଗଞ୍ଜାମ ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ହେଉଛି। ଗଞ୍ଜାମ ଜିଲା ଶିକ୍ଷାଅଧିକାରୀ ଅମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅଲମ୍ପିୟାନ ତଥା ଓଡିଶା ଭାରୋତ୍ତୋଳନ ସଂଘ ସମ୍ପାଦକ କେ. ରବିକୁମାର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନନୀୟ ଅତିଥିଭାବେ ରାଜ୍ୟ ବାସ୍କେଟ ବଲ ଆସୋସିଏଶନର ସମ୍ପାଦକ ଅଶୋକ କୁମାର ସାହୁ, ଅତିରିକ୍ତ ଶିକ୍ଷାଅଧିକାରୀ ରାଜେଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ସାମାଜିକ କର୍ମୀ ଭୀମସେନ ଦଳାଇ, ଆସିଷ୍ଟାଣ୍ଟ ଡାଇରେକ୍ଟର ଜ୍ୟୋତି ପ୍ରସାଦ ପରିଡା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବେହେରା ମଞ୍ଚାସୀନ ଥିଲେ । ପ୍ରତିଯୋଗିତାରେ ୧୭ ଜିଲାର ୧୪ ଓ ୧୭ ବର୍ଷରୁ କମ ବୟସ ବର୍ଗର ଖେଳାଳୀ, ଟିମ ମ୍ୟାନେଜର ଓ ପ୍ରଶିକ୍ଷକଙ୍କ ସମେତ ପ୍ରାୟ ୩୪୭ ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ଜାତୀୟ ସ୍ତରର ୮୦, ରାଜ୍ୟ ସ୍ତରର ୫୦ ଓ ଜିଲା ସ୍ତରର ୧୦ ଜଣ ଅଫିସିଆଲ ଖେଳକୁ ସୁଚାରୁରୂପେ ପରିଚାଳନା ପାଇଁ ଉପସ୍ଥିତ ଥିଲେ। ପ୍ରଥମେ ଖେଳାଳିମାନେ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ପଞ୍ଜିକରଣ କରି ପରେ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଯୋଗଦେଇଥିଲେ। ଜିଲା ସ୍କୁଲ ଶାରୀରିକ କ୍ରୀଡା ଅଧିକାରୀ ଭାଗିରଥି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଚିତ୍ରା ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏଥିରେ ବହୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଓ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଜୟପୁର,୨୮।୧୦(ପବନ ପାଣିଗ୍ରାହୀ)**

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ ଶୁଣାଣି କରିଥିଲେ। ଏଥିରେ କୋରାପୁଟ ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ଆକ୍କାବରମ ଶସ୍ୟା ରେଡ୍ଡୀ, ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ କୀର୍ତ୍ତିଭାସନ ୨୨ ବ୍ୟକ୍ତିଗତ ଓ ୮ ଗୋଷ୍ଠୀ ଅଭିଯୋଗର ଶୁଣାଣି କରିଥିଲେ। ରାସ୍ତା ନିର୍ମାଣ, ଟ୍ରାଫିକ୍ ସମସ୍ୟା ଆଦି ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି କୋରାପୁଟ ଜିଲା ସଭା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ହୋଇଥିବା ଚିଠି ଅନୁଯାୟୀ ଜିଲାରେ ହେବାକୁ ଥିବା ଗ୍ରାମ ରୋଜଗାର ସେବକ ଜିଆର୍‌ଏସ୍ ଚୂଡ଼ାନ୍ତ ନିଯୁକ୍ତିକୁ କୋର୍ଟରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିବା ସହ ସଂଘ ତରଫରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି।

# ୧ କେଜି ସୁନା, ୫କେଜି ରୁପା ଚୋରି ଘଟଣାରେ ୨ ଗିରଫ


ଖବରଦାତା ସମ୍ମିଳନୀରେ ଗିରଫ ୨ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

ମୋହନା, ୨୮।୧୦(ମନ୍ମଥ ମିଶ୍ର)– ଗଜପତି ଜିଲା ମୋହନା ବଜାରର ଶ୍ରୀହରି ଜୁଏଲର୍ସରୁ ଗତ ସେପ୍ଟେମ୍ବର ୨୬ ତାରିଖ ରାତି ୯ଟାରେ ୧ କେଜି ସୁନା ଓ ୫ କେଜି ରୁପା ଅଳଙ୍କାର, ନଗଦ ୭୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋନପୁର ଜିଲା ସୋନପୁର ଥାନା ଅନ୍ତର୍ଗତ ମିଲ୍ ଶାନ୍ତିପଡ଼ା ସାହିର ଦୟା ସାଗର ଛତ୍ରିଆ ଓ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲି ମରାଠୀ ସାହିର ଏ.ଅଜନ ରାଓ। ସେମାନଙ୍କ ନିକଟରୁ ୪୭୫ ଗ୍ରାମ ସୁନା ଅଳଙ୍କାର, ୩ କେଜି ୫୦୦ ଗ୍ରାମ ରୁପା ଅଳଙ୍କାର, ନଗଦ ୪୦ ହଜାର ଟଙ୍କା, ଏକ ନମ୍ବରବିହୀନ ପଲସର ବାଇକ୍ ଜବତ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି।

ଜୁଏଲର୍ସରୁ ଚୋରି ହେବା ପରେ ଏହାର ମାଲିକ ମୋହନ ରାଓ ଅଚାରୀ ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନଂ. ୧୮୮/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗଜପତି ଏସ୍‌ପି ପଣ୍ଡାଙ୍କ ନିର୍ଦ୍ଦେଶରେ ରା. ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ ନାୟକ, ରା. ଉଦୟଗିରି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ, ଅଡବା ଥାନା ଅଧିକାରୀ ଶୁଭ୍ରାଂଶୁ ପଣ୍ଡାଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଟିମ୍ ସିସିଟିଭି ଫୁଟେଜ ଆଧାରରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଦୟାସାଗର ଓ ଅଜନଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪୭୫ ଗ୍ରାମ ସୁନା ଅଳଙ୍କାର, ୩ କେଜି ୫୦୦ ଗ୍ରାମ ରୁପା ଅଳଙ୍କାର, ନଗଦ ୪୦ ହଜାର ଟଙ୍କା, ଏକ ନମ୍ବରବିହୀନ ପଲସର ବାଇକ୍ ଜବତ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ବଳକା ସୁନା ଓ ରୁପା ଅଳଙ୍କାର ଖୁବ୍‌ଶୀଘ୍ର ଜବତ କରାଯିବ ବୋଲି ଏସ୍‌ପି ପଣ୍ଡା ପ୍ରକାଶ କରିଛନ୍ତି।

## ସ୍ୱୟଂ ସହାୟକ ଗୋଷ୍ଠୀ କରିବ ଷ୍ଟ୍ରବେରି ଚାଷ

### ଚାରା ରୋପଣ କରି ଶୁଭାରମ୍ଭ କଲେ ବିଡିଓ, ବ୍ଲକ ଅଧ୍ୟକ୍ଷ


ଷ୍ଟ୍ରବେରି ଚାରା ରୋପଣ କରୁଛନ୍ତି ବିଡିଓ, ବ୍ଲକ ଅଧ୍ୟକ୍ଷ ।

ଦାରିଙ୍ଗବାଡି,୨୮।୧୦ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଗତ ୨ ବର୍ଷ ଧରି ସଫଳତାର ସହ ଷ୍ଟ୍ରବେରି ଚାଷ ହୋଇ ଆସୁଛି। ଚଳିତବର୍ଷ ତୃତୀୟ ଥର ପାଇଁ ଏହି ଚାଷ ପାଇଁ ଚାରା ରୋପଣ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଏବଂ ବିଡିଓ ପ୍ରୀତିରଞ୍ଜନ ରଥ ଯୋଗଦେଇ ଚାଷଜମିରେ ଚାରାରୋପଣ କରିଥିଲେ। ଦାରିଙ୍ଗବାଡି ବ୍ଲକର ଶ୍ରୀନିକେତା ପଞ୍ଚାୟତ ସୁଲୁମାହା ଗ୍ରାମର ଆଶାସର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଷ୍ଟ୍ରବେରି ଚାଷର ସବୁ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ବହନ କରିବ। ଓଡ଼ିଶା ଜୀବିକା ମିଶନ ପକ୍ଷରୁ କେବଳ ଷ୍ଟ୍ରବେରି ଚାରା ପ୍ରଦାନ କରାଯାଉଥିବା ବିପିଏମ୍ ପିଣ୍ଟୁ ନାୟକ କହିଛନ୍ତି। ସେ କହିଛନ୍ତି ଯେ, ଗୋଷ୍ଠୀକୁ ୨୯ ହଜାର ଚାରା ଯୋଗାଇ ଦିଆଯାଇଛି। ଚାଷ ପାଇଁ ପାଖାପାଖି ୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଗୋଷ୍ଠୀର ଚନ୍ଦ୍ରିକା ନାୟକ କହିଛନ୍ତି।

## ଅଗ୍ନିଶମ କେନ୍ଦ୍ର ପରିଦର୍ଶନ କରି ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

ଛତ୍ରପୁର,୨୮।୧୦ (ଦିଲ୍ଲୀପ ସାମଲ)– ପିଲାଙ୍କ ପାଠପଢ଼ା ସହିତ ବୈଷୟିକ ଜ୍ଞାନ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ସେବା ବିଷୟରେ ଜ୍ଞାନ ଆହୋରଣ ଲକ୍ଷ୍ୟ ନେଇ ଛତ୍ରପୁରର ଶିକ୍ଷାନୁଷ୍ଠାନ ୟୁରୋ ସ୍କୁଲ ମୁଖ୍ୟ ରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏଲକେଜି ଛାତ୍ରୀଛାତ୍ର ମାନେ ସୋମବାର ଛତ୍ରପୁର ଅଗ୍ନିଶମ ସେବା କେନ୍ଦ୍ର ପରିଦର୍ଶନ କରି ଜ୍ଞାନଲାଭ ଅଧ୍ୟକ୍ଷ ତପସ୍ୱିନୀ ସାହୁଙ୍କ ତତ୍ତ୍ୱାବଧାନରେ ପିଲାମାନେ ବୁଲି ଦେଖିଥିଲେ। ଅଗ୍ନିଶମ ସେବା କେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର ଅଫିସର ଧନଞ୍ଜୟ ମଲ୍ଲିକ ଛାତ୍ରୀଛାତ୍ରଙ୍କୁ ନିଆଁ କିପରି ଲାଗେ, ଏହାକୁ ଲିଭାଇବା ପାଇଁ କଣ ସବୁ କରାଯିବା ଉଚିତ୍ ସେ ବିଷୟରେ ବୁଝାଇଥିଲେ । ବିଭାଗର ବିଭିନ୍ନ ଯନ୍ତ୍ରପାତିକୁ ବ୍ୟବହାର କରି କିପରି ବନ୍ୟା, ବାତ୍ୟା ସମୟରେ ଲୋକଙ୍କ ଧନ ଜୀବନ ସୁରକ୍ଷିତ ରଖାଯାଇଥାଏ ସେ ସେନେଇ ସେ ପିଲାଙ୍କୁ ଅବଗତ କରାଇଥିଲେ । ଏଥିସହ ବାତ୍ୟା ସମୟରେ ରାସ୍ତା ଉପରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲେ ସେଗୁଡିକୁ ମେଶିନ ସାହାଯ୍ୟରେ ସଫା କରାଯିବାର କୌଶଳ, ଅସୁବିଧା ସମୟରେ ଅଗ୍ନିଶମ ବିଭାଗକୁ କିପରି ଫୋନ କରାଯାଇପାରିବ ଏବଂ ଫୋନ ପାଇବା ସଙ୍ଗେ ସଙ୍ଗେ କିପରି କର୍ମଚାରୀ ମାନେ ଶୀଘ୍ର ଦୁର୍ଘଟଣା ଘଟିଥିବା ସ୍ଥାନରେ ପହଞ୍ଚିଥାନ୍ତି ସେସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ।

## ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳିତ

# ଦୁର୍ନୀତିର ମୂଳପୋଛ ହେଲେ ଦେଶ ପ୍ରଗତି କରିବ

ଛତ୍ରପୁର,୨୮।୧୦ (ଦିଲ୍ଲୀପ ସାମଲ)

ସୋମବାରଠାରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହୋଇଛି। ଗଞ୍ଜାମ ଜିଲାର ସମସ୍ତ କାର୍ଯ୍ୟାଳୟଗୁଡିକରେ ଏହି ସଚେତନତା ସପ୍ତାହ ପାଳିତ ହେବାକୁ ଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ରାଜ୍ୟର ସମସ୍ତ କାର୍ଯ୍ୟାଳୟ ସହ ଯୋଡ଼ିହୋଇ ଶପଥ ପାଠ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାପାଳଙ୍କ ଓସୱାନ ହଲଠାରେ ଜିଲାସ୍ତରୀୟ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଦୁର୍ନୀତିର ମୂଳପୋଛ ହେଲେ ଦେଶ ପ୍ରଗତି ପଥରେ ଆଗେଇବ। ଦୁର୍ନୀତି ଆମ ସମାଜ, ପରିବାର ଓ ଦେଶକୁ ଗ୍ରାସ କରିଛି। ଯେଉଁଠି ଦୁର୍ନୀତି ହେଉଛି ଜାଣିବା ତାହା ଲୋକଲୋଚନରେ ପ୍ରକାଶ କଲେ ଦୁର୍ନୀତିରେ ଲିପ୍ତଥିବା ବ୍ୟକ୍ତି ଦୁର୍ନୀତି କରିବାକୁ ସାହସ କରିବେ ନାହିଁ ବୋଲି ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି କହିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ସୁଧାଂଶୁ କୁମାର ଭୋଇ, ଜିଲା ଜରୁରୀ କାଳୀନ ଅଧିକାରୀ ଆୟୁଷ ପତି, ଡୁଡା ପିଡି ରବୀନ୍ଦ୍ର ପଟେଲଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ।

## ଦୀପାବଳି ଉପଲକ୍ଷେ ଟେରାକୋଟା ଷ୍ଟଲ



ଏକ ଷ୍ଟଲରୁ ଲୋକେ ଟେରାକୋଟା ସାମଗ୍ରୀ କିଣୁଛନ୍ତି।

**ନବରଙ୍ଗପୁର,୨୮।୧୦(ସଦାଶିବ ପ୍ରହରାଜ)**

**ଚାହିଦାକୁ ନେଇ ବଜାର ବ୍ୟବସ୍ଥା ଯୋଗାଉଛି ଓରମାସ**

ଆଲୋକର ପର୍ବ ଦୀପାବଳିକୁ ୩ ଦିନ ରହିଲା। ନବରଙ୍ଗପୁର ଜିଲାରେ ଓରମାସ ପକ୍ଷରୁ ଦୀପାବଳି ଉତ୍ସବ ଆରମ୍ଭ ହୋଇଛି। ଜିଲାର ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ଟେରାକୋଟା ମାଟି ଦୀପ, ଦୀପାବଳି ଉତ୍ସବ ସହ ଜଡିତ ବିଭିନ୍ନ ସାମଗ୍ରୀ ବିକ୍ରି ପାଇଁ ଏକ ଷ୍ଟଲ ନବରଙ୍ଗପୁରରେ ଖୋଲାଯାଇଛି। ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଲିମଭଟ୍ଟା, ସିନ୍ଧିଗାଁ ଓ ଚନ୍ଦାହାଣ୍ଡିର ଏସ୍‌ଏଚ୍‌ଜି ମହିଳା ଏହି ଷ୍ଟଲରେ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରି କରିବେ। ଷ୍ଟଲରେ ଟେରାକୋଟା ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ଼ ଜମୁଛି। ଦେଶୀ ସାମଗ୍ରୀକୁ ବ୍ୟବହାର କରି କାରିଗରମାନଙ୍କୁ ଉତ୍ସାହିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ସ୍ୱେଚ୍ଛାସେବୀ କିଶୋରୀ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଓରମାସର ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଏ .ଉମା ମହେଶ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ସଦର ମହକୁମାରେ ବିଜେଡିର ପଦଯାତ୍ରା

ଆର.ଉଦୟଗିରି,୨୮।୧୦ (ମନୋଜ କୁମାର ପାଢୀ)




ଗଜପତି ଜିଲା ଆର. ଉଦୟଗିରି ଓ ନୁଆଗଡ ସଦର ମହକୁମାରେ ସୋମବାର ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଭୟ ବ୍ଲକର ବହୁ ମହିଳା ପୁରୁଷ ଏକତ୍ରିତ ହୋଇ ପଦଯାତ୍ରାରେ ସହରର ମୁଖ୍ୟ ରାସ୍ତା ଦେଇ ଥାନା ପର୍ଯ୍ୟନ୍ତ ଆସିଥିଲେ। ଭାଜପା ସରକାର ନିଜ ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛନ୍ତି। ଗତ ନିର୍ବାଚନରେ ଜନସାଧାରଣଙ୍କୁ ସୁଭଦ୍ରା ଯୋଜନା, ପେନସନ ବୃଦ୍ଧି ଓ ବିଦ୍ୟୁତ୍ ବିଲ୍ ଛାଡ ପରି ପ୍ରତିଶ୍ରୁତି ଦେଇ ଏଯାଏ ପାଳନ କରିନାହାନ୍ତି ବୋଲି ଅଭିଯୋଗ କରି ଉପସ୍ଥିତ ନେତାମାନେ ଭାଜପା ସରକାର ଉପରେ ବର୍ଷିଥିଲେ। ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜଲା ମହିଳା ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ନାରାୟଣ ଶବର, ଜଗନ୍ନାଥ ଦାସ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ପ୍ରେମା ମାଝି,ଜେମଶ ରାଇକାଙ୍କ ସହ ୧ହଜାରରୁ ଉର୍ଦ୍ଧ୍ୱ କର୍ମୀ, କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଏମ୍‌କେସିଜିରେ ରାଗିଂ ଘଟଣା

# କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ଅଭିଭାବକ

ବ୍ରହ୍ମପୁର,୨୮ ।୧୦(ସୁବାସ ଚନ୍ଦ୍ର ପାଢ଼ୀ):

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ୨ୟ ବର୍ଷର ଏମବିବିଏସ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ରାଗିଂ କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ୨ ଦିନ ତଳେ ଆଣ୍ଟି ରାଗିଂ କମିଟି ବୈଠକ ବସିଥିଲା। ଏମକେସିଜି କର୍ତ୍ତୃପକ୍ଷ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଡାକିପଚରାଉଚରା କରିଥିଲେ ମଧ୍ୟ କୌଣସି ଛାତ୍ର ରାଗିଂ ହୋଇଥିବା ନେଇ ମୁହଁ ଖୋଲି ନ ଥିଲେ । ତେଣୁ ଏହି ଅଭିଯୋଗ ସତ ନା ମିଛ ତାକୁ ନେଇ ପ୍ରଶ୍ନ ଉଠିଥିଲା। ଏଭଳି ସ୍ଥିତିରେ ସୋମବାର ଏମବିବିଏସ ଦ୍ୱିତୀୟ ବର୍ଷରେ ପଢୁଥିବା ଏକାଧିକ ଛାତ୍ରଙ୍କ ଅଭିଭାବକ ଏମକେସିଜି କର୍ତ୍ତୃପକ୍ଷଙ୍କ ନିକଟରେ ରାଗିଂ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ସିନିୟର ଛାତ୍ରମାନେ ସେମାନଙ୍କ ପିଲାଙ୍କୁ ବିଭିନ୍ନ ପ୍ରକାର ମାନସିକ ଓ ଶାରିରୀକ ନିର୍ଯାତନା ଦେବା ସହ ରାଗିଂ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଥିବା ସୂଚନା ମିଳିଛି । ଏ ନେଇ ଏମକେସିଜି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବାଣ ଜବତ, ଜଣେ ଅଟକ

ଗୋପାଳପୁର,୨୮।୧୦ (ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ପୋଲିସ ରବିବାର ରାତିରେ ଦିଗିପୁର ଗ୍ରାମରୁ ବେଆଇନ ବାଣ ଜବତ କରିଛି। ଦିଗିପୁରରେ ବେଆଇନ ଭାବେ ବାଣ ବିକ୍ରି ଚାଲିଥିବା ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୨୦ ହଜାର ଟଙ୍କାର ବିଭିନ୍ନ ପ୍ରକାର ବାଣ ଜବତ କରିଥିଲା। ବେଆଇନ ବାଣ କାରବାର କରୁଥିବାରୁ ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲା। ମାମଲା ନଂ ୩୦୦/୨୪ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଦେଇଥିବା କହିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଧୋଡ୍ରା, ୨୮।୧୦(ଗଣେଶ ଚନ୍ଦ୍ର ଛତ୍ର)



ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାନାକୋଟ ପୂର୍ବତନ ସରପଞ୍ଚ ମକାରୁ ଭତରାଙ୍କ ୬୧ ବର୍ଷ ବୟସରେ ପରଲୋକ ହୋଇଛି। ସେ ୧୯୯୨ରେ ଓ ୨୦୦୭ରେ ସରପଞ୍ଚ ହୋଇଥିଲେ। କିଛିଦିନ ତଳେ ଅସୁସ୍ଥ ଥିବାରୁ ପରିବାର ଲୋକେ ନବରଙ୍ଗପୁର ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବାରୁ ଘରକୁ ଅଣାଯାଇଥିଲା। କିନ୍ତୁ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ଶର୍ଯ୍ୟା ନିକଟରେ ସ୍ତ୍ରୀ ଓ ୫ ପୁଅ ପାଖରେ ଥିଲେ। ସୋମବାର ତାଙ୍କର ମୃତଦେହ ସତ୍କାର କରାଯାଇଛି। ଏହି ସମୟରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଦିବାସୀ ସଙ୍ଗୀତ କଣ୍ଠଶିଳ୍ପୀ ନୀଳଙ୍କ ସ୍ମୃତିସଭା

**ନବରଙ୍ଗପୁର,୨୮।୧୦ (ସଦାଶିବ ପ୍ରହରାଜ)**

ଲିଟିବୁଟା, ଲସର ଫସର୍, ଲାଗାଜଇ ଭଳି ଗୀତ ଗାଇ ନବେ ଦଶକରେ ଚମକେଇ ଥିବା ଆଦିବାସୀ ସଙ୍ଗୀତର କଣ୍ଠଶିଳ୍ପୀ ତଥା ଜିଲା କୃଷି ବିଭାଗର ଅମଲା ନୀଳାଚଳ ମହାନ୍ତିଙ୍କ ପରଲୋକ ହୋଇଛି। ଏ ନେଇ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଶାଖା ସଂଘ ପକ୍ଷରୁ ସ୍ଥାନୀୟ ଡାକ ବଙ୍ଗଳାରେ ସ୍ମୃତିସଭା କରାଯାଇଛି। ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ସଂଘ ସଭାପତି ବୁଲୁ ହୋତାଙ୍କ ଆବାହନରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ ଖଡଗରାୟ, ନୀଳାଞ୍ଚଳ ପଣ୍ଡା, ସିଦ୍ଧେଶ୍ୱରୀ ବେନ୍ୟା, ପ୍ରସାଦିନି ଦେବୀ, ସମ୍ପଦ ରାଉତ, ସମୀର ବିଷୋୟୀ, ତ୍ରିନାଥ ଖିଲ, ପ୍ରଦୀପ ଦଳେଇ, ଅଶ୍ୱିନୀ ପରିଚ୍ଛା, ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

**ଜୟପୁର, ୨୮।୧୦(ପବନ ପାଣିଗ୍ରାହୀ)**

ଜୁଆ ଖେଳ ଚାଲୁଥିବାବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀ ନାରାୟଣ ବେବର୍ତ୍ତା (୪୦), କେଶବ ହରିଜନ (୩୫) ଓ ମଧୁ ଗାଦବା (୪୧)। ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅଧୀନ ବଡ଼ ମଜ୍ଜୁରମୁଣ୍ଡ ଟିକ ଜଙ୍ଗଲରେ ଜୁଆ ଖେଳ ଚାଲୁଥିବାନେଇ ପୋଲିସକୁ ଖବର ମିଳିଥିଲା। ଏହାପରେ ପୋଲିସ ସେଠାରେ ଚଢ଼ାଉ କରି ୩ ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କୁ ଠାରୁ ୬ ହଜାର ୪ ଶହ ଟଙ୍କା ସହ ଜୁଆ ଖେଳ ସାମଗ୍ରୀ ଜବତ କରାଯାଇଥିବା ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଦୁର୍ନୀତି ହଟିଲେ ଦେଶର ଅର୍ଥନୀତି ସୁଦୃଢ଼ ହେବ

**ଡାବୁଗାଁ, ୨୮।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)**

**ଦୁର୍ନୀତି ନିବାରଣ ନେଇ ସଚେତନତା**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ ଶପଥ ପାଠ କରାଇଥିଲେ। ଯେତେବେଳେ ଦେଶରେ ଅର୍ଥନୀତିକୁ ଗୁରୁତ୍ୱ ଦିଆଯାଇଥାଏ, ସେତେବେଳେ ଆମକୁ ସାମାଜିକ ଓ ରାଜନୈତିକ ସମସ୍ତ କ୍ଷେତ୍ରରେ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ଦରକାର। ଦୁର୍ନୀତି ସମ୍ପର୍କିତ କୌଣସି ଘଟଣାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା, ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା ଏବଂ ସମସ୍ତ ଦାୟିତ୍ୱକୁ ସାଧୁତାର ସହ ବଜାୟ ରଖିବା ନିତାନ୍ତ ଜରୁରୀ ବୋଲି ବିଡିଓ ଶରତ ମାଝି କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ହରିଓମ ଭୋଇ, ଆଇଆଇସି ସୁନୀଲ କୁମାର ପ୍ରଧାନ, ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ ଏବଂ ବ୍ଲକ, ତହସିଲ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ଦୁର୍ନୀତି ନ କରିବାକୁ ଶପଥ ନେଉଛନ୍ତି।

# 'ରାଜ୍ୟଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ଜାରି ରହିଛି ବିରୋଧ'

**ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ**

**ନବରଙ୍ଗପୁର,୨୮।୧୦(ସଦାଶିବ ପ୍ରହରାଜ)**



ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

ଜିଲାଭିତ୍ତିକ ନିଯୁକ୍ତି ଦାବି ନେଇ ନବରଙ୍ଗପୁରରେ ୧ ମାସ ହେବ ଆନ୍ଦୋଳନ ଚାଲୁ ରହିଛି। ରବିବାର ଉମରକୋଟରେ ଜନଜାତି ସୁରକ୍ଷା ମଞ୍ଚ ସହ ଅନ୍ୟ କେତେକ କମିଟି ଏକ ଖବରଦାତା ସମ୍ମିଳନୀ କରି ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନା ପାଇଁ ଡାକିଥିବାରୁ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ବୋଲି କହିଥିଲେ। ଏହାକୁ ନେଇ ସୋମବାର ମିଳିତ ପ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇନାହିଁ। ଦାବି ପୂରଣ କିମ୍ବା ସରକାରଙ୍କ ସହ ଆଲୋଚନା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଏହା ଅବିଭକ୍ତ କୋରାପୁଟ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

ମିଳିତ କ୍ରୀୟାନୁଷ୍ଠାନ କମିଟିର ଡାକରାକୁ ସମର୍ଥନ କରି ୧୪ ତାରିଖରୁ ଅଭିଭାବକମାନେ ସ୍କୁଲକୁ ପିଲାଙ୍କୁ ପଠାଉନାହାନ୍ତି। ରବିବାର ହଠାତ୍ ଉମରକୋଟରେ ଜନଜାତି ସୁରକ୍ଷା ମଞ୍ଚ ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଶିକ୍ଷା ବିଭାଗ ଆଲୋଚନା ପାଇଁ ଡାକିଥିବାରୁ ପିଲାଙ୍କୁ ସ୍କୁଲ ପଠାଇବବାକୁ ଅଭିଭାବକଙ୍କୁ ନିବେଦନ କରିଥିଲେ। କିନ୍ତୁ ସୋମବାର ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାକୁ ଖଣ୍ଡନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କିମ୍ବା ଗଣଶିକ୍ଷା ମନ୍ତ୍ରୀଙ୍କ ପକ୍ଷରୁ ଆଲୋଚନା ପାଇଁ କୌଣସି ଲିଖିତ ସୂଚନା ମିଳିନାହିଁ। ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚେଷ୍ଟା କରାଯାଉଛି ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜିଲାର ୪୫ ସଙ୍ଗଠନକୁ ନେଇ ମିଳିତ କ୍ରୀୟାନୁଷ୍ଠାନ କମିଟି ଗଠନ କରାଯାଇଛି। ରବିବାର ଯେଉଁମାନେ ଖବରଦାତା ସମ୍ମିଳନୀ କରିଥିଲେ ସେମାନେ ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ନୁହନ୍ତି ବୋଲି କୁହାଯାଇଛି। ଦାବିପୂରଣ ନହେଲା ପର୍ଯ୍ୟନ୍ତ ଅବିଭକ୍ତ କୋରାପୁଟ ଜିଲାରେ ଆନ୍ଦଳନ ଆଗକୁ ଜାରି ରହିବ ବୋଲି କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲା ଆବାହକ ଅର୍ଜୁନ ଭତରା, ଜିଲା ସଂଯୋଜକ ଭଗବାନ ବୈରାଗୀ, ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ଦାମଧର ପୂଜାରୀ, ଝିଡ୍ରୁ ଜାନୀ, କୃଷ୍ଣଚନ୍ଦ୍ର ଭତ୍ରା, ଦିବାକର ପୂଜାରୀ, ଶିଶିର କୁମାର ପରିଚ୍ଛା, ଗୁରୁବନ୍ଧୁ ଗାଦବା, ଦେବରାଜ ନାଗ, ସିରାଜଉଦ୍ଦିନ ଅହମ୍ମଦ, ଦୟାନିଧି ସୁନା, ନିଳାମ୍ବର ଜାନୀ , ଟଙ୍କଧର ରନ୍ଧାରୀ, ଚଞ୍ଚଳା ସାନ୍ତା, ପ୍ରମିଳା ରନ୍ଧାରୀ, ପାର୍ବତୀ ଭତ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଫେରାର

ଦିଗପହଣ୍ଡି,୨୮।୧୦(ଅଶେଷ ନାଥ ମିଶ୍ର)–ଦିଗପହଣ୍ଡି ଏନ୍‌ଏସି ୱାର୍ଡ ନଂ.୨ ଅଧିନ ମେଦିରି ସାହିରେ ରହୁଥିବା ଶଙ୍କର ନାୟକ ତାଙ୍କ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ରଚନା ନାୟକ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ନଂ.୪୨୧/୨୪ ଅନୁଯାୟୀ ଅଭିଯୁକ୍ତ ଶଙ୍କରଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତାଙ୍କ ଘରେ ଚଢ଼ାଉ କରିଥିଲେ ମଧ୍ୟ ସେ ଫେରାର ଥିବା ଜଣାପଡିଛି।ଗତ ପ୍ରାୟ ୫ ମାସ ପୂର୍ବେ ରଚନା ଶଙ୍କରଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ଖୁସିରେ କଟିବା ପରେ ଶଙ୍କର ଅଧିକା ଯୌତୁକ ପାଇଁ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଇ ଆସୁଥିଲେ।ଏପରିକି ନିଶାସକ୍ତ ଅବସ୍ଥାରେ ଆସି ରଚନାଙ୍କୁ ମାରପିଟ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ସମ୍ପର୍କୀୟଙ୍କ ମଧ୍ୟସ୍ଥତାରେ କୌଣସି ସମାଧାନ ନ ହେବାରୁ ରଚନା ଏତଲା ଦେଇଛନ୍ତି।

### ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ଆସିକା,୨୮।୧୦(ସୁରେନ୍ଦ୍ର ନାଥ ସାହୁ): ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ସୋମବାରଠାରୁ ଆସିକା ଏନ୍‌ଏସିର ହାଟପଦା ଏକ୍ସବୋର୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଚିନିଶିଳ୍ପ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶିକ୍ଷକମାନଙ୍କ ନିମନ୍ତେ ୩ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଥମ ଦିନ ଗୋଷ୍ଠୀ ଶିକ୍ଷାଧିକାରୀ ମୁନରାଣୀ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର, ବିଭୂନନ୍ଦନ ପଣ୍ଡା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେତୃତ୍ୱ, ଶିକ୍ଷକ ବିକାଶାତ୍ମକ ମନୋବୃତ୍ତି, ସାମାଜିକ ଆବେଗିକ ନୈତିକ ଶିକ୍ଷା, ହାଉସିଂ ସିଷ୍ଟମ, ଜାତୀୟ ଉପଲବ୍ଧ ସର୍ବେକ୍ଷଣ, ମାସିକ ପାଠ୍ୟ ଖସଡା ଯୋଜନା, ବିଦ୍ୟାଳୟରେ ଥିବା ଟାବଲେଟର ବ୍ୟବହାର, ସାଇବର ସୁରକ୍ଷା, ସାମାଜିକ ଗଣମାଧ୍ୟମର ବ୍ୟବହାର ଆଦି ଉପରେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ ଶିବିରରେ ଶିକ୍ଷୟିତ୍ରୀ ସନ୍ତୋଷିନୀ ମୁନି, ଅର୍ଚ୍ଚନା ବେହେରା, ଶୁଭେନ୍ଦୁ ଶେଖର ଜେନା, ଶିବ ଶଙ୍କର ସ୍ୱାଇଁ, ସିମାଞ୍ଚଳ ଆଚାର୍ଯ୍ୟ, ରବିନ୍ଦ୍ର କୁମାର କର ପ୍ରମୁଖ ପ୍ରଶିକ୍ଷଣ ଦେଉଛନ୍ତି।

### ବିଜ୍ଞାନମେଳା ପ୍ରସ୍ତୁତି ବୈଠକ

ଆସିକା,୨୮।୧୦ (ସୁରେନ୍ଦ୍ର ନାଥ ସାହୁ):

ଆସିକା ହରିହର ହାଇସ୍କୁଲଠାରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ପାତ୍ର, ବିଭୂନନ୍ଦନ ପଣ୍ଡା, ହରିହର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢୀ, ଅବନୀକାନ୍ତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ବ୍ଲକର ୧୩ଟି କ୍ଲଷ୍ଟରରେ ଥିବା ୬୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୩ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନରତ ଷଷ୍ଠଠାରୁ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର କିଭଳି ଅଧିକରୁ ଅଧିକ ପ୍ରକଳ୍ପ ସହ ଏହି ମେଳାରେ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ‘ସମସ୍ତଙ୍କ ମିଳିତ ଉଦ୍ୟମରେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ’

ପାରଳାଖେମୁଣ୍ଡି,୨୮।୧୦(ଗିରିଧାରୀ ପରିଛା)

## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ



ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରିଥିବା ଶୋଭାଯାତ୍ରା।

ଗଜପତି ଜିଲା ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ଗୁଣନିଧି ନାୟକ, ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ବାସୁଦେବ ରାଓ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଟାଉନହଲଠାରୁ ବାହାରି ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ହାତରେ ପ୍ଲାଗ କାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ସାଧାରଣ ସଭା ହୋଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ନାୟକ, ଅତିରିକ୍ତ ଜିଲାପାଳ ମିଞ୍ଜ ଓ ଡିଏସ୍‌ପି ରାଓ ଅତିଥି ରୂପେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟାରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଶପଥ ପାଠ କରିଥିଲେ।

ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ଓସାନ ହଲଠାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ବିଜୟ କୁମାର ଦାଶ ଶପଥ ପାଠ କରାଇ ଦୁର୍ନୀତି ନିବାରଣ ଦିଗରେ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବା ଲାଗି ପରାମର୍ଶ ଦେଇଥିଲେ। ସମସ୍ତଙ୍କ ମିଳିତ ଉଦ୍ୟମରେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ। ପ୍ରତ୍ୟେକ ନାଗରିକ ସର୍ବଦା ସତର୍କତା ସହିତ ସାଧୁତା, ସ୍ୱଚ୍ଛତା ଅବଲମ୍ବନ କଲେ ଦୁର୍ନୀତିକୁ ସହଜରେ ରୋକିହେବ ବୋଲି ଜିଲାପାଳ କହିଥିଲେ।

# ବଳଦକୁ ମାରି ଖାଇଲା ବାଘ


ବନ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳ ଅନୁଧ୍ୟାନ କରି ତଦନ୍ତ କରୁଛନ୍ତି।

ମୋହନା, ୨୮।୧୦(ମନ୍ମଥ ମିଶ୍ର)– ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳ କୃଷ୍ଣପୁର ଅଞ୍ଚଳରେ ଦେଖାଦେଇଛି ବାଘ ଆତଙ୍କ। କୃଷ୍ଣପୁର ଗ୍ରାମର ଆଦିକନ୍ଧ ଶବରଙ୍କ ଗୋଟିଏ ବଳଦକୁ ବାଘ ମାରି ଖାଇଦେଇଛି। ଆଦିକନ୍ଧ ଗାଁ ନିକଟସ୍ଥ ମକାବାଡ଼ରେ ଗୋରୁ ବାନ୍ଧିଥିଲେ। ରବିବାର ରାତି ୯ଟାରେ ବାଘ ଆସି ତାଙ୍କର ବନ୍ଧାଯାଇଥିବା ଏକ ବଳଦକୁ ଟାଣିନେଇ ମକାବାଡ଼ରେ ମାରି ଖାଇ ଦେଇଛି। ଗୋରୁଙ୍କ ଚିତ୍କାର ଶୁଣି ଆଦିକନ୍ଧ ଓ ଗ୍ରାମବାସୀ ମକାବାଡକୁ ଆସି ଦେଖିବାରୁ ଗୋଟିଏ ବଳଦକୁ ବାଘ ଖାଇଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ସୋମବାର ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ କର୍ମଚାରୀ ପହଞ୍ଚି ବାଘର ପାଦଚିହ୍ନ ଠାବ କରି ଅଧାଖିଆ ବଳଦର ମୃତଦେହ ଜବତ କରିଛନ୍ତି। କେଉଁ ପ୍ରକାରର ବାଘ ଜାଣିବା ପାଇଁ ପୁଡାମାରି ରେଞ୍ଜର ବିନୟ ପ୍ରକାଶ ବୁର ଓ ଚନ୍ଦ୍ରଗିରି ପ୍ରାଣୀ ଚିକିତ୍ସା ସହକାରୀ ଅଧିକାରୀ ସଂଜ୍ଞା ସତୃପା ଷଡ଼ଙ୍ଗୀ ଅଧିକ ତଦନ୍ତ ଜାରି ରଖିଛନ୍ତି। ପାଦଚିହ୍ନରୁ ବାଘର ପାଦଚିହ୍ନ ବୋଲି ସନ୍ଦେହ କରାଯାଉଛି। ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ବଳଦର ମୃତଦେହ ମଧ୍ୟ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରେଞ୍ଜର ବୁର କହିଛନ୍ତି। ଏନେଇ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି।

# ୩ ପରିବାରର ୧୨ ବଖରା ଜଳିଗଲା

ଖଲ୍ଲିକୋଟ,୨୮।୧୦(ପ୍ରଶାନ୍ତ କୁମାର ମିଶ୍ର):

## କମଳାପଦର ଗାଁରେ ଅଗ୍ନିକାଣ୍ଡ

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କମଳାପଦର ଗାଁରେ ରବିବାର ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଭୁବନୀ ପାହାନ, ଅର୍ଜୁନ ପାହାନ ଓ କାମ୍ପ ଜେନାଙ୍କର ୧୨ ବଖରା ଘର ସହ ଖାଦ୍ୟପଦାର୍ଥ ଓ ଆସବାବପତ୍ର ଜଳିପୋଡ଼ି ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ଏକ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲେ ମଧ୍ୟ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। କୌଣସି ଏକ ଘରେ ବିଦ୍ୟୁତ୍ ଶଟ ସର୍କିଟରୁ ନିଆଁ ଲାଗି ସମସ୍ତ ଘରକୁ ବ୍ୟାପୀ ଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଗ୍ରାମରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଛନ୍ତି। ସୋମବାର ଖଲ୍ଲିକୋଟ ତହସିଲଦାର ଡ. ଆର୍ଯ୍ୟକୁମାର ସର୍ବଦମନ, ରେଭିନ୍ୟୁ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିପନ୍ନ ପରିବାରଗୁଡିକୁ ଜରି ପାଲ ପ୍ରଦାନ କରାଯାଇଥିବା ବେଳେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନକୁ କୁହାଯାଇଛି।

# ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ

ଜି.ଉଦୟଗିରି,୨୮।୧୦(ଶିଶିର ପଟ୍ଟନାୟକ)–ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରବିବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିନୋଦ ବିହାରୀ ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସଙ୍କୁଳ ପ୍ରମୁଖ ପବିତ୍ର ସାହୁ, ସମ୍ପାଦକ ଶିବରାମ ସାହୁ, ସହ ସମ୍ପାଦକ ଭାସ୍କର ସାମଲ ଏବଂ ଉପଦେଷ୍ଟା ପ୍ରିୟବ୍ରତ ସାହୁ ଉପସ୍ଥିତ ରହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଥିବା ପୂର୍ବତନ ଛାତ୍ରୀ ବସୁଧା ପ୍ରଧାନଙ୍କ ପିତା ଓ ମାତା ବଳରାମ ପ୍ରଧାନ ଏବଂ ସେବତୀ ପ୍ରଧାନ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ସରିତା ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟା ଆଚାର୍ଯ୍ୟ ଚନ୍ଦନ ନାୟକ, ଅନିତା ନାୟକ, ବାବୁଲା ଦଳବେହେରା, ଚକାଡୋଳା ସାହୁ, ପ୍ରଭାତୀ ସାହୁ, ରଶ୍ମିତା ପାଣିଗ୍ରାହୀ, ସବିତା ମିଶ୍ର, ଅଶ୍ୱତ୍ଥାମା ପ୍ରଧାନ, ସ୍ୱର୍ଣ୍ଣଲତା ସାହୁ, ବିଚିତ୍ରା ମହାରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଶୁଙ୍କ ଶୈକ୍ଷିକ ଉନ୍ନତି ଉପରେ ଆଲୋଚନା କରାଯାଇଥିଲା। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ଥିଲେ।

# ଶୈବପୀଠ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ଭିଡ଼


ବୁଦ୍ଧଖୋଲରେ ଭକ୍ତଙ୍କ ସମାବେଶ।

ବୁଗୁଡ଼ା,୨୮।୧୦(କାଳିଚରଣ ଦାଶ) କାର୍ତ୍ତିକର ଦ୍ୱିତୀୟ ସୋମବାରରେ ବର୍ଷା ସତ୍ତ୍ୱେ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ଶ୍ରଦ୍ଧାଳୁମାନେ ପାହାଚ ଚଢି କିମ୍ବା ଘାଟି ରାସ୍ତାରେ ଯାଇ ପାହାଡ଼ ଉପରେ ଥିବା ପଞ୍ଚ ଶମ୍ଭୁଙ୍କ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ବୁଦ୍ଧଖୋଲ ପାଦଦେଶର ବିଭିନ୍ନ ସ୍ଥାନରେ ଲୋକେ ରୋଷେଇ କରି ଭୋଜି କରୁଥିବା ବେଳେ ମଧ୍ୟାହ୍ନରେ ହଠାତ ଅସରାଏ ବର୍ଷା ହେବାରୁ ସମସ୍ତଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡିଥିଲା। ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ନିୟୋଜିତ ରହିଥିଲେ।

# ଧରାକୋଟରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା



ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

ଧରାକୋଟ,୨୮।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକରେ ବିଜେଡି ପକ୍ଷରୁ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ଲକ ସଭାପତି ସଞ୍ଜୟ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ,ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଉପାଧ୍ୟକ୍ଷ ମନୋଜ ସାହୁ, ଜିଲା ପରିଷଦ ସଭ୍ୟ ଟୁକୁନା ଗୌଡ଼, ପ୍ରତାପ ସାଇଁ, ପୂର୍ବତନ ଉପାଧ୍ୟକ୍ଷ ବଳବନ୍ତ ସିଂହ, ସରପଞ୍ଚ,ସମିତି ସଭ୍ୟ ଓ ଛାମୁଆ କର୍ମୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସାମନାରୁ ପଦଯାତ୍ରା ଆରମ୍ଭ ହୋଇ ବାହାରପୁର, ରୁଗୁମୁ, ଓଳମ୍ବା, କାନଗିରି ଡି.ଚାରିଛକ, ଜାନବିଲି, ତାଳ ପାଟଣା, ପୁଟୁ, ନନ୍ଦିଗୋର ଦେଇ ଜଗମୋହନରେ ପହଞ୍ଚିଥିଲା। ଏହି ଅବସରରେ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିବାରୁ ରାଜ୍ୟ ଭାଜପା ସରକାରକୁ ବିଜେଡି ନେତୃବୃନ୍ଦ ସମାଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଖରୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ବେଲଗୁଣ୍ଠା,୨୮।୧୦ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ଶାସନ ସାହି ସ୍ଥିତ ପୋଖରୀରେ ଭାସୁଥିବା ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ଯୁବକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସକାଳ ପ୍ରାୟ ୬ଟାରେ ବେଲଗୁଣ୍ଠା ଶାସନ ସାହି ପୋଖରୀରେ ମୃତଦେହ ଭାସୁଥିବା ଲୋକେ ଦେଖି ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ମୃତଦେହ ବାହାରକୁ ଆଣିଥିଲେ। ବେଲଗୁଣ୍ଠା ପୋଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ବେଲଗୁଣ୍ଠା ଥାନାରେ ନଂ. ୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଗୁମ୍ମା, ୨୮।୧୦(ପ୍ରବୀଣ କୁମାର ଲିମା):




ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଡୁମୁଳ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଏସ୍‌ପି ଯତିନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଡୁମୁଳ ସମେତ ଭୁବନି, ସେରଙ୍ଗ ଓ ଅଜୟଗଡ ପଞ୍ଚାୟତରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଆଦି ନେଇ ମୋଟ ୧୨୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଓ ୫୭ଟି ଗ୍ରାମ ଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ୫୩ ଅଭିଯୋଗକୁ ତୁରନ୍ତ ସମାଧାନ କରଯାଇଛି । ଅନ୍ୟ ଅଭିଯୋଗ ଗୁଡିକ ମଧ୍ୟ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସ୍ଥାନୀୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି।

# ଓଏଫ୍‌ଡିସି ଡିଏମ୍, ଏସ୍‌ଡିଏମ୍‌ଙ୍କ ବଦଳି ଦାବିରେ ଧାରଣା

ଭଞ୍ଜନଗର,୨୮।୧୦(ବାବୁଲା ପ୍ରଧାନ)



ଧାରଣା ଦେଇଥିବା କର୍ମଚାରୀମାନେ।

ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ ଭଞ୍ଜନଗର ଶାଖା କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ସୋମବାର ସ୍ଥାନୀୟ ଓଏଫଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଦାବି ଯେ, ଏଠାରେ ନିଯୁକ୍ତ ଥିବା ଖଣ୍ଡୀୟ ପରିଚାଳକ (ଡିଏମ୍) ଏବଂ ଉପଖଣ୍ଡୀୟ ପରିଚାଳକ(ଏସ୍‌ଡିଏମ୍)ଙ୍କୁ ତୁରନ୍ତ ବଦଳି କରାଯାଉ। କର୍ମଚାରୀମାନଙ୍କ ବିରୋଧରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସମସ୍ୟା ସମାଧାନ ହେଉ। ଏସବୁ ଦାବି ପୂରଣ ନ ହେବା ଯାଏ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିବେ ବୋଲି ସଂଘର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସଂଘ ସଭାପତି ଅକ୍ଷୟ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ଉମା ଶଙ୍କର ପାଣିଗ୍ରାହୀ, ଉପଦେଷ୍ଟା ସୁରେନ୍ଦ୍ର କୁମାର ରାଉତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ, ଆଜକୁ ୫ ମାସ ହେବ କର୍ମଚାରୀ ଏବଂ କେତେଜଣ ଅଧିକାରୀଙ୍କ ମଧ୍ୟରେ ବିଭିନ୍ନ କାରଣରୁ ବିବାଦ ଲାଗି ରହିଛି। ଏ ନେଇ ଡିଏମ୍ ପ୍ରଭାକର ନାୟକଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

# ବିଡିଓଙ୍କୁ ସମ୍ବର୍ଦ୍ଧନା ଜଣାଇଲେ, କେରୁବାଡିକୁ ଲକ୍ଷ୍ମୀବସ୍ ଚଳାଇବାକୁ ଦାବି କଲେ

ଦାରିଙ୍ଗବାଡି, ୨୮।୧୦ (ଅରୁଣ ସାହୁ) ଦାରିଙ୍ଗବାଡିରେ ନୂଆ ବିଡିଓ ପ୍ରୀତିରଞ୍ଜନ ରଥ କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ସୋମବାର ଭ୍ରମରବାଡି ପଞ୍ଚାୟତ କେରୁବାଡି ଗ୍ରାମର ଶତାଧିକ ବ୍ୟକ୍ତି ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ସେମାନେ କେରୁବାଡିକୁ ଲକ୍ଷ୍ମୀ ବସ୍ ଚଳାଇବାକୁ ଦାବି କରିଛନ୍ତି। ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ଦାରିଙ୍ଗବାଡି ପ୍ରତିନିଧି ପିଟର ଦିଗାଲଙ୍କ ନେତୃତ୍ୱରେ ୨୫ ପଞ୍ଚାୟତର କଂଗ୍ରେସ ସମର୍ଥକଙ୍କ ସମେତ କେରୁବାଡି ଗ୍ରାମର ଶତାଧିକ ମହିଳା ବିଡିଓଙ୍କୁ ଭେଟିଥିଲେ। ପଞ୍ଚାୟତର ସବୁଠାରୁ ବଡ଼ ଗ୍ରାମ କେରୁବାଡି ହୋଇଥିବା ଏବଂ ଜନସଂଖ୍ୟା ଅଧିକା ରହିଥିବା ଲୋକେ ବିଡିଓଙ୍କୁ ଅବଗତ କରାଇଥିଲେ। କନ୍ଧମାଳ ଜିଲାପାଳଙ୍କୁ ଜଣାଇ ପଦକ୍ଷେପ ନେବି ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ବିଧାୟକଙ୍କ ପ୍ରତିନିଧି ପିଟରଙ୍କ ସମେତ କରମ ସିଂ ନାୟକ, ଶ୍ୟାମଘନ ପ୍ରଧାନ, ବିନୋଦ ନାୟକ, ନାଇଗା ପ୍ରଧାନ, ନାଗେଶ୍ୱର ପ୍ରଧାନ, ସନ୍ଧ୍ୟାରାଣୀ ନାୟକ, କବିତା ନାୟକ, ମିତା ନାୟକ, ତେଜ ନାୟକ, ବିରଦା ନାୟକ, ନମିତା ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ବିଡିଓ ବ୍ଲକ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ଏକ ସମୀକ୍ଷା ବୈଠକ କରି ଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର, ଏପିଓ କେଦାର ଚନ୍ଦ୍ର ପଣ୍ଡା, ବିପିଏମ୍ ପିଣ୍ଟୁ ନାୟକ, କନିଷ୍ଠ ଯନ୍ତ୍ରୀ, ପିଇଓ, ଗ୍ରାମ ରୋଜଗାର ସେବକ ବୈଠକରେ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ଦାରିଙ୍ଗବାଡିର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ।

## ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ ଅନୁରୋଧ କଲା ବଣିକ ସଂଘ



ଅନ୍ୟପକ୍ଷରେ ଦାରିଙ୍ଗବାଡ଼ି ସହରରୁ ବାହାରୁଥିବା ପ୍ଲାଷ୍ଟିକ, ଅଇଁଠାପତ୍ର, ପଲିଥିନ ଆଦି ଗୋଟିଏ ସ୍ଥାନରେ ପକାଇବାକୁ ଡମ୍ପିଂୟାର୍ଡଟିଏ ନାହିଁ। ଯିଏ ଯୋଉଠି ପାଇଲେ ଅଳିଆ ପକାଉଥିବାରୁ ଦାରିଙ୍ଗବାଡି ପରିବେଶ ପଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ବଣିକ ସଂଘ ସଭାପତି ଲଡ୍ଡୁ କିଶୋର ସାହୁ, ସମ୍ପାଦକ ଦିଲୀପ ସାହୁ, ଅଜିତ ସାହୁ, ସନ୍ତୋଷ ସାହୁ, ଭଗବାନ ସାହୁ, ସରୋଜ ସାହୁ ପ୍ରମୁଖ ବିଡିଓ ରଥଙ୍କୁ ଭେଟି ସ୍ୱାଗତ ଜଣାଇବା ସହ ଡମ୍ପିଂୟାର୍ଡଟିଏ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

